## ଜିଲ୍ଲା ବିଜେପି ସାଂସ୍କୃତିକ ପ୍ରକୋଷ୍ଠର ସାଧାରଣ ସଭା




ବୌଦ୍ଧ,୩।୬(ସମିସ): ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟ ପରିସରରେ ବିଜେପି ସାଂସ୍କୃତିକ ପ୍ରକୋଷ୍ଠର ପ୍ରଥମ ବାର୍ଷିକ ସାଧାରଣ ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ସଭାରେ ବୌଦ୍ଧ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଭାରେ ଉପସ୍ଥିତ କଳାକାରଙ୍କୁ ସମ୍ବୋଧିତ କରି ମୁଖ୍ୟଅତିଥି ଶ୍ରୀ ମିଶ୍ର ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧିହୋଇ ରହିବାକୁ ଆହ୍ୱାନ ଦେଇଥିଲେ ।କଳାକାରମାନଙ୍କର ବିଭିନ୍ନ ସମସ୍ୟା ଏବଂ ସେଗୁଡ଼ିକର ସମାଧାନ ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ବିଜେପି ସଭାପତି ମାଗୁଣି ଗାଇଗୌରିଆ ଏବଂ ଜିଲ୍ଲା ବିଜେପି ଉପସଭାପତି ଶ୍ୟାମ ସୁନ୍ଦର ପୁରୋହିତ ମଞ୍ଚାସୀନ ଥିଲେ । ସେହିପରି ସାଂସ୍କୃତିକ ପ୍ରକୋଷ୍ଠର ଜିଲ୍ଲା ସଂଯୋଜକ ଅରୁଣ ମେଣ୍ଡିଲି, ସହସଂଯୋଜକ ବାଞ୍ଛାନିଧି ପ୍ରଧାନ ଓ ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।ସଭାରେ ବୌଦ୍ଧ, କଣ୍ଟାମାଳ ଏବଂ ହରଭଙ୍ଗା ବ୍ଲକ୍‌ର ସଂଯୋଜକ, ସହସଂଯୋଜକଙ୍କ ସମେତ ଜିଲ୍ଲାର ବହୁ ସଂଖ୍ୟକ ସ୍ଥାନୀୟ କଳାକାର ଅଂଶଗ୍ରହଣ କରିଥିଲେ ।ଶେଷରେ କଣ୍ଟାମାଳ ବ୍ଲକ୍ ସଂଯୋଜକ ବାମଦେବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ



ଶଗଡା,୩୦।୬(ସମିସ): ବୌଦ୍ଧ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ୪ଟି ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଗୁଡଭେଲି ପଦର ଟୀଲାଟିଙ୍ଗା ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମାରୋହରେ କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ବରିଷ୍ଠ ନେତା କିଶୋର ମେହେର, ସମିତି ସଭ୍ୟ ଦୁର୍ଯ୍ୟୋଧନ ଭୋଇ, ସମାଜସେବୀ ସତ୍ୟ ବସ୍ତିଆ, ଆରଡ଼ି ବିଭାଗ ଏସଡ଼ିଓ ଶାଗୁ ନାଏକ, କନିଷ୍ଠଯନ୍ତ୍ରୀ ଶ୍ୟାମ ସୁନ୍ଦର ହେମ୍ବ୍ରମଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ । ମନମୁଣ୍ଡା ଶଗଡା ପୂର୍ତ୍ତ ବିଭାଗ ରାସ୍ତାରୁ ଗୁଡଭେଲି ପଦର ଦେଇ ଟିଲାଟିଙ୍ଗା ପର୍ଯ୍ୟନ୍ତ ନୂତନ ରାସ୍ତାର ନିର୍ମାଣ ଲାଗି ୫କୋଟି ୪୯ ଲକ୍ଷ ୧୪ ହଜାର ଟଙ୍କା ମଞ୍ଜୁର ହୋଇଥିବା ଉଲ୍ଲେଖ ରହିଛି । ସେହିପରି ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଜାତୀୟରାଜପଥ ନଂ ୫୭ ର ମହେଶ୍ୱରପିଣ୍ଡାଠାରୁ ଅମୂର୍ତ୍ତା ମହାନଦୀ ଫେରିଘାଟ ପର୍ଯ୍ୟନ୍ତ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । କଣ୍ଟାମାଳ ବିଧାୟକ ଶ୍ରୀ ଡାଙ୍ଗ ମୁଖ୍ୟଅତିଥି ଭାବେ ଓ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, କିଶୋର ମେହେର ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ବିଳାସପୁର ଠାରୁ ବିଚିକା, ବାଗଡିଆ ଠାରୁ କସୁରବନ୍ଧ ପର୍ଯ୍ୟନ୍ତ ମଧ୍ୟ ନୂତନ ରାସ୍ତାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।

## ଜହ୍ନାପଙ୍କରେ ବିଶ୍ୱ ସାଇକଲ ଦିବସ




ବୌଦ୍ଧ,୩।୬ (ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ସଭା ଗୃହରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ମେରା ଯୁବା ଭାରତ ଓ ସ୍ୱଧେୟ କୋଚିଂ ସେଣ୍ଟର ଜହ୍ନ ।ପଙ୍କ ମିଳିତ ସହଯୋଗରେ ବିଶ୍ୱ ସାଇକଲ ଦିବସ ପାଳିତ ହୋଇଯାଇଛି ।ମେରା ଯୁବ ଭାରତର ସଂଯୋଜକ ଆଶ୍ମାନ ମହାକୁଡ଼ ସଂଯୋଜନାରେ ଅନୁଷ୍ଠିତ କାଯ୍ୟକ୍ରମରେ ଜହ୍ନାପଙ୍କ ମେଡିକାଲର ଆୟୁଷ ଡ଼ ରାମାକାନ୍ତ ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ସାଇକଲ ଚଳାଇବା ଦ୍ୱାରା ମଣିଷ ଶରୀରରେ କି କି ଲାଭ ହୋଇଥାଏ କହିଥିଲେ । ଜହ୍ନାପଙ୍କ ଫାଣ୍ଡି ଅଧୀକାରି ବ୍ରହ୍ମାନନ୍ଦ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଯୁବକମାନେ ସାଇକଲକୁ ଅଧିକରୁ ଅଧିକ ନିଜ ଦୈନିକ ଜୀବନରେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ମେରା ଯୁବ ଭାରତର ସଂଯୋଯୋକ ଅକ୍ଷଷ୍ମାନ ମହାକୁଡ଼ ବିଶ୍ୱ ସାଇକଲ ଦିବସର ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଅଭିଭାଷଣ ରଖିଥିଲେ । ଶେଷରେ ସ୍ୱଧେୟ କୋଚିଂ ସେଣ୍ଟର ସଭାପତି ଅଶୋକ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଙ୍ଗିଗଲାଣି ପୀତାବଲି ପୋଖରୀ ପାହାଚ

ଜହ୍ନାପଙ୍କ,୩।୬(ସମିସ)

ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ପିତାବଳି ପୋଖରୀ ପାହାଚ ଭାଙ୍ଗି ଗଲାଣି । ଏହି ପୋଖରୀ ଉପରେ ଲକ୍ଷ୍ମୀପ୍ରସାଦ, ନାରାୟଣନଗର, ବାଘପାଳି, ଚନ୍ଦ୍ରପୁର ଗ୍ରାମବାସୀ ନିର୍ଭର କରନ୍ତି । ଗାଧୋଇବା ସହ ଚାଷ କାର୍ଯ୍ୟ କରିବା ପାଇଁ ଲୋକେ ଏହି ପୋଖରୀ ଜଳ ଉପରେ ନିର୍ଭର କରନ୍ତି । ରାସ୍ତା ନ ଥିବାରୁ ୩ଟି ହୁଡ଼ା ବାଟ ଦେଇ ଏହି ପୋଖରୀକୁ ଯିବାକୁ ହୁଏ । ତଥାପି ଏହି ପୋଖରୀ ଉପରେ ୫/୬ଟି ଗ୍ରାମବାସୀ ନିର୍ଭର କରି ଚଳନ୍ତି । ତେବେ ପାହାଚ ମରାମତି ଲାଗି ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ




ଗ୍ରାମବାସୀ ବହୁବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଭଙ୍ଗା ପାହାଚ ଉପରେ ମହିଳାମାନଙ୍କୁ ଲୁଗାପଟା ସଫା କରିବାରେ ବହୁ ଅସୁବିଧା ଭୋଗିବାକୁ ପଡୁଛି । ଏଥିସହ ଝି ବୋହୂଙ୍କ ପୋଷାକ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ପୋଖରୀରେ ଲୁଗାପଟା ବଦଳ ଗୃହ ନିର୍ମାଣ କରିବା ପାଇଁ ନିୟମ ଥିଲେ ମଧ୍ୟ ତାହା ନିର୍ମାଣ କରାଯାଉନାହିଁ । ଖୋଲା ଆକାଶ ତଳେ ଝିଅବୋହୂ ଲୁଗା ପରିବର୍ତ୍ତନ କରୁଛନ୍ତି । ଏହାଫଳରେ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୁଇ ବର୍ଷ ତଳେ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ହୋଇଛି । ବର୍ତ୍ତମାନ ପାଣି ଟିକେ ରହିଥିବା ଯୋଗୁଁ ଲୋକେ ଗାଧୋଇ ପାରୁଛନ୍ତି; କିନ୍ତୁ ପାହାଚ ମରାମତି କରିବା ପାଇଁ ଅଭିଯୋଗ କରାଗଲେ ମଧ୍ୟ ମରାମତି କରାଯାଉ ନାହିଁ।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

- ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର

ବୌଦ୍ଧ,୩।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କରଞ୍ଜକଟା ନିକଟରେ ହାଇୱା ସହ ଧକ୍କାରେ ମୃତ ଦୁଇ ବାଇକ୍ ଅରୋହୀଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଦୁଇ ବାଇକ୍ ଆରୋହୀ ତିଳକୂପ ଗ୍ରାମ ନିକଟରୁ ଖୋର୍ଦ୍ଧା -ବଲାଙ୍ଗିର ରେଳ ପ୍ରକଳ୍ପରେ କାର୍ଯ୍ୟସାରି କରଞ୍ଜକଟା କ୍ୟାମ୍ପକୁ ଫେରୁଥିବା ବେଳେ କରଞ୍ଜକଟା ଗାଁ ହାଟପଦା ନିକଟରେ ରାସ୍ତାରେ ବ୍ରେକ ଡାଉନ ହୋଉ ଠିଆ ହୋଇଥିବା ହାଇୱାକୁ ଧକ୍କା ଦେଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ବୌଦ୍ଧ ଡାକ୍ତରଖାନାରେ ଶବବ୍ୟବଚ୍ଛେଦ କରା ଯାଇଛି । ମୃତକ ଦୁଇଜଣ ବିହାର ରାଜ୍ୟର ଉପେନ୍ଦ୍ର ଭଗତ ଓ ଅନୁଗୁଳର ଦୁଷ୍ମନ୍ତ ଦେହୁରୀ ବୋଲି ପୁରୁଣାକଟକ ଆଇଆଇସି ରଂଜିତ ମୁନୀ ସୂଚନା ଦେଇଛନ୍ତି ।

## ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ରକ୍ତଚାପ ମାପକ ଯନ୍ତ୍ର

ତରଭା,୩।୬(ସମିସ):ଉଭୟ କେନ୍ଦ୍ର ଓ ରାଜ୍ୟରେ ରହିଥିବା ବିଜେପିର ଡବଲ ଇଂଜିନ ସରକାର ଉତ୍ତମ ସ୍ୱାସ୍ଥ୍ୟ ଯୋଗାଇ ଦିଆଯାଉଛି ବୋଲି ଡିଣ୍ଡିମ ପିଟୁଛନ୍ତି । ହେଲେ ତାହା କେବଳ କାଗଜକଲମରେ ସୀମିତ ରହିଯାଉଛି । ଯାହାର ଜ୍ୱଳନ୍ତ ଉଦାହରଣ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି । ତରଭା ବ୍ଲକ୍ ସହ ବୌଦ୍ଧ ଜିଲ୍ଲାର କଣ୍ଟାମାଳ ଓ ବଲାଙ୍ଗିର ଜିଲ୍ଲାର ପୁଇଁତଲା ବ୍ଲକ୍‌ର ଲକ୍ଷାଧିକ ରୋଗୀ ନିର୍ଭର କରୁଥିବା ତରଭା ଡାକ୍ତରଖାନାରେ ସାମାନ୍ୟ ଉଚ୍ଚ ରକ୍ତଚାପ ମାପଯନ୍ତ୍ର (ବିପି ଯନ୍ତ୍ର) ନାହିଁ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ରହିଥିବା ଯୋଗୁଁ ଅଞ୍ଚଳର ସାଧାରଣରୋଗୀ ସେବା ପାଇପାରୁ ନାହାନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ସାମ୍ବାଦିକ ମାନଭଞ୍ଜନ ମିଶ୍ରଙ୍କ ଭାଇ ବୋହୂ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କ ଝିଅ ସହିତ ତରଭା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । କିନ୍ତୁ ସେଠାରେ କାର୍ଯ୍ୟରତ ଡାକ୍ତର ନଇମ ବକ୍ସ ରକ୍ତ ଚାପ ପରୀକ୍ଷା ହୋଇପାରିବନାହିଁ, ମେସିନ (ଯନ୍ତ୍ର) ଖରାପ ଅଛି । ବାହାରେ ପରୀକ୍ଷା କରି ନେବା ପାଇଁ କହିଥିଲେ ଓ ବିଭିନ୍ନ ପ୍ରକାର ଯୁକ୍ତି କରି ରୋଗୀଙ୍କୁ ଫେରାଇ ଦେଇଥିଲେ । ଉପସ୍ଥିତ ଲୋକ ବିପି ମପା ଯନ୍ତ୍ର କାହିଁକି ନାହିଁ ବୋଲି କହିବାରୁ ପୁଲିସରେ ଦିଆଯିବ ବୋଲି ଡାକ୍ତର ବକ୍ସ ଧମକ ଦେଇ ପୁଲିସକୁ ଫୋନ କରିଥିଲେ । ପୁଲିସର ଧମକ ଦେବା ପରେ ସେଠାରେ ଥିବା ଅନ୍ୟ ରୋଗୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା ଓ ଘଟଣାସ୍ଥଳରେ କିଛି ସାମ୍ବାଦିକ ଓ ନେତୃସ୍ଥାନୀୟ ବ୍ୟକ୍ତି ପହଞ୍ଚି ତୁରନ୍ତ ସୋନପୁର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଫୋନ ଯୋଗେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ ।ଘଟଣା ଜାଣିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏପରି ଘଟଣା ଘଟିବା ଉଚିତ ନୁହେଁ, ତଥା ଡାକ୍ତର ଏଭଳି ବ୍ୟବହାର କରିବା ଉଚିତ ନୁହେଁ । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ ।

## ଦକ୍ଷତା ବିକାଶ ଓ ଉଚ୍ଚଶିକ୍ଷା ପରାମର୍ଶ ଶିବିର

### ହୋଟେଲ ପରିଚାଳନା ପାଠ୍ୟକ୍ରମ ପାଇଁ ୧୧ ଛାତ୍ରଛାତ୍ରୀଙ୍କ ଆବେଦନ




ତରଭା,୩।୬(ସମିସ): ସୁବର୍ଣ୍ଣପୁର ବନପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଏକ ଦକ୍ଷତା ବିକାଶ/ଉଚ୍ଚ ଶିକ୍ଷା ପରାମର୍ଶ ଶିବିର ଓ ତୁରନ୍ତ ଭର୍ତ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ମୋଟ ୧୧ ଜଣ +୨ ଓ +୩ ଛାତ୍ରଛାତ୍ରୀ ହୋଟେଲ ପରିଚାଳନାର ବିଭିନ୍ନ ପାଠ୍ୟକ୍ରମରେ ଭର୍ତ୍ତି ପାଇଁ ଫର୍ମ ପୂରଣ କରିଥିଲେ । ଏହି ଛାତ୍ରଛାତ୍ରୀ ଜିଲ୍ଲା ପ୍ରଶାସନର ଆର୍ଥିକ ସହଯୋଗ ବା ସ୍ୱନସରସିପ୍‌ରେ ବଲାଙ୍ଗୀରସ୍ଥିତ ରାଜ୍ୟ ହୋଟେଲ ପରିଚାଳନା ସଂସ୍ଥାରେ ଭର୍ତ୍ତି ହେବେ । ଏହି କାର୍ଯ୍ୟକ୍ରମରେ ମୋଟ ୧୫୬ ଛାତ୍ରଛାତ୍ରୀ ଏବଂ ଅଭିଭାବକ ଭାଗ ନେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ବଲାଙ୍ଗିର ରାଜ୍ୟ ହୋଟେଲ ପରିଚାଳନା ସଂସ୍ଥାର ପ୍ରଶିକ୍ଷକ ଯୁଧିଷ୍ଠିର ପ୍ରଧାନ, ସହାୟକ ବନ ସଂରକ୍ଷକ ଗିରିଧାରୀ ନାଗ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଶାସନିକ ସେବା-୨୦୨୪ରେ ଅଷ୍ଟମ ର୍‌ୟାଙ୍କ ହାସଲ କରିଥିବା ନୀତେଶ ବାରିକ ପ୍ରଶାସନିକ ସେବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ତାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ପ୍ରଧାନ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧିକରି କହିଥିଲେ ଯେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ । ଜଣେ ଚାହିଁଲେ ନିଶ୍ଚିତ ଭାବେ ନିଜ ଲକ୍ଷ୍ୟ ହାସଲ କରିପାରିବ । ନୀତେଶ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀଙ୍କୁ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଦେବା ସହ ପାଠପଢ଼ାକୁ ରୁଚିର ସହ ଗ୍ରହଣ କରିବା ଓ ତାହାର ଆନନ୍ଦ ନେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିଲେ । ଶିଶୁ ସୁରକ୍ଷା ବିଭାଗର ପ୍ରଶାନ୍ତ ମହାକୁଡ଼, ଥବୀର କଲସା, ମୃତ୍ୟୁଞ୍ଜୟ ସାହୁ, ଅନିଲ ମହଲା, ସରିତା ସୁନା, ଜିତେନ୍ଦ୍ରିୟ ମଣ୍ଡଳ, ଗୌତମ ମହାପାତ୍ର, ରୁଦ୍ରପ୍ରସନ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

## ସମସ୍ୟା ଘେରରେ କୋଇଲିସୁତା

ବୌଦ୍ଧ,୩।୬(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ରାମଗଡ ପଞ୍ଚାୟତର କୋଇଲିସୁତା ଗାଁ ସମସ୍ୟା ଘେରରେ ରହିଛି । ପ୍ରାୟ ୪ଶହ ଭୋଟର ବିଶିଷ୍ଟ ଏହି ଗାଁରେ ୧ ହଜାରରୁ ଅଧିକ ଜନ ସଂଖ୍ୟା । ବାରମ୍ବାର ଦାବି ଓ ଅଭିଯୋଗ ସତ୍ତ୍ୱେ ଗ୍ରାମକୁ ରାସ୍ତା ନିର୍ମାଣ ହେଉନି । କୋଇଲିସୁତା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦେଇ ଧଳପୁର ପଞ୍ଚାୟତକୁ ମଧ୍ୟ ଯାତାୟାତ ହୋଇଥାଏ; ହେଲେ ରାସ୍ତାଟି କଚା ଥିବାରୁ ବର୍ଷା ଦିନରେ ସମସ୍ୟା ହୋଇଥାଏ । ୨ ବର୍ଷ ତଳେ ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରିବାରୁ ଜଣେ ଶିଶୁର




ମୃତ୍ୟୁ ଘଟିଥିଲା । ସେହିପରି ବାଘଦୁଲିଆ ନିକଟରେ ଲକ୍ଷ୍ମୀନାଳ ଉପରେ ଏକ ବ୍ରିଜ୍ ନିର୍ମାଣ କରାଗଲେ ବର୍ଷସାରା ଯାତାୟାତ ସୁଗମ ହୋଇପାରିବ ବୋଲି ଲୋକେ ମତ ପ୍ରକାଶ କରିଛନ୍ତି । କେବଳ ରାସ୍ତା ସମସ୍ୟା ନୁହେଁ; ଗ୍ରାମର ଅନ୍ୟାନ୍ୟ ମୌଳିକ ସୁବିଧା ନେଇ ମଧ୍ୟ ଗ୍ରାମବାସୀ ଦାବି ଉଠାଇଛନ୍ତି । ଗାଁରେ ଖେଳ ପଡ଼ିଆ ନାହିଁ । ଧିବାର ସାହି ଓ ଧୋବା ସାହିରେ ନୂତନ ନଳକୂପ ଖନନ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ସହ ଗ୍ରାମର ସରକାରୀ ଜମି ଓ ସ୍ଥାନଗୁଡ଼ିକରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି ।

## ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅନ୍ୱେଷଙ୍କ ସଫଳତା



ବୀରମହାରାଜପୁର,୩।୬(ସମିସ): ଅନ୍ତର୍ଜାତୀୟ ତାଇକଣ୍ଡୋ ପ୍ରତିଯୋଗିତାରେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମାଟିର ପୁଅ ଅନ୍ୱେଷ ହୋତାଙ୍କ ସଫଳତା । ଗତ ୩୦ରୁ ୩ ତାରିଖ ପର୍ଯ୍ୟନ୍ତ ଶ୍ରୀନଗରରେ ଅନୁଷ୍ଠିତ ପିଟିଏଫ ଇଣ୍ଡିଆ ଓପନ ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅନ୍ୱେଷ ହୋତାଙ୍କୁ ସଫଳତା ମିଳିଛି । ସୁବର୍ଣ୍ଣପୁର ଜିଲ୍ଲା ମହାରାଜପୁରର ଯୁବ କ୍ରୀଡାବିତ ଅନ୍ୱେଷ ହୋତା ଭାରତରୁ ପ୍ରତିନିଧିତ୍ୱ କରି ସଫଳତା ପାଇଛନ୍ତି । ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ଖେଳାଳି ତଥା କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ଯାଇଥିବା ଭାରତୀୟଟିମ୍‌ରେ ଅନ୍ୱେଷ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୂର୍ବରୁ ଅନ୍ୱେଷ ଅନେକ ଥର ଜାତୀୟ ଏବଂ ଅନ୍ତର୍ଜାତୀୟ ମେଡାଲ ସହ ଚଳିତ ବର୍ଷ ଜାତୀୟ ବିଶ୍ୱ ବିଦ୍ୟଳାୟ କ୍ରୀଡା ପ୍ରତିଯୋଗିତାରେ ମଧ୍ୟ ରୌପ୍ୟ ପଦକ ଜିତି ଅଞ୍ଚଳ ତଥା ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପାଇଁ ଗୌରବ ଆଣିସାରିଛନ୍ତି ।

## ବୌଦ୍ଧ-ଧଳପୁର ରାସ୍ତା କାମର ଭିତ୍ତିପ୍ରସ୍ତର




ବୌଦ୍ଧ,୩।୬ (ସମିସ): ବୌଦ୍ଧ ଜିଲ୍ଲାର ସରସରା ପଞ୍ଚାୟତର ସାନବଙ୍କାପଡ଼ାରେ ବୌଦ୍ଧ-ଧଳପୁର ରାସ୍ତା କାମ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

ସଭାରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଳସିଂ, ସରସରା ସରପଞ୍ଚ ହରି ନାୟକ, ସମିତି ସଭ୍ୟା ଯମୁନାରାଣୀ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ମନୋରଂଜନ ଦାସ ସଭା ସଂଯୋଜନା କରିଥିଲେ । ୨୦.୮ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରାୟ ୫୫ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟଅଟକଳ କରାଯାଇଛି ।

# ବିଭିନ୍ନ ସ୍ଥାନରେ ଧାନମଣ୍ଡି ଶୁଭାରମ୍ଭ

ବୌଦ୍ଧ,୩।୬(ସମିସ)

ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ମାର୍କେଟ ୟାର୍ଡରେ ଖୁଣ୍ଟବନ୍ଧ ପାକ୍ସ ପକ୍ଷରୁ ରବି ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ପେକ୍ସ ସଭାପତି ରାଜକିଶୋର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଚାଷୀ ମୂରଲୀଧର ମିଶ୍ର, ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ସ୍ୱାଧୀନ ପ୍ରଧାନ, ସଦାନନ୍ଦ ମହାକୁଳ, ଖୁଣ୍ଟବନ୍ଧ ପେକ୍ସ ସଂପାଦକ ଦେବାଶିଷ ମିଶ୍ର, ଆରଏମସି ପ୍ରତିନିଧି ଗଣେଶ ବେହେରା, ପେକ୍ସ କର୍ମଚାରୀ ସୁଦୀପ ନାଏକ, ରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଚାଷୀ ବିଭୁଦତ୍ତ ମିଶ୍ରଙ୍କ ୨୬.୫୨, ତ୍ରିପୁରାରୀ ବେହେରାଙ୍କ ୨୩.୭୧, ପ୍ରକାଶ ବେହେରାଙ୍କ ୨୯.୨୮, ଆଦି ଜେନାଙ୍କ ୫୬.୪୭, ପଦ୍ମନାଭ ଦେହୁରୀଙ୍କ ୧୨.୯୬ କୁଇଣ୍ଟାଲ ଧାନକୁ ମିଶାଇ ସମୁଦାୟ ୨୪୧ କୁଇଣ୍ଟାଲ ଧାନ ପାହାଡୱାଲି ମିଲର ନେଇଥିଲା । ସେହିଭଳି ବିରନରସିଂହପୁର ମାର୍କେଟ ୟାର୍ଡରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଧାନକ୍ରୟର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥିଭାବରେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି



ଯୁଗଳ କିଶୋର ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ, ତହସିଲଦାର କର୍ଣ୍ଣ ସୁନା, ଜିଲ୍ଲାପରିଷଦ ସଦସ୍ୟ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷେ ମନମୁଣ୍ଡା ମାର୍କେଟୟାର୍ଡରେ ବୌଦ୍ଧ ଉପଜିଲ୍ଲାପାଳ ବିନୟ ଭୋଇ, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦାଙ୍କ ଉପସ୍ଥିତିରେ ଧାନ କ୍ରୟ ଆରମ୍ଭ ହୋଇଛି । ବୌଦ୍ଧ ସହର ମର୍ଜାକୁଦ୍‌ରେ ମଧ୍ୟ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ସତ୍ୟଜିତ ପଣ୍ଡା ଉଦ୍‌ଘାଟନ କରିଥିଲେ । ଟୋକନ ପାଇଥିବା ଚାଷୀଙ୍କଠାରୁ ଧାନ କ୍ରୟ ଶୁଭାରମ୍ଭ ହୋଇଥିଲା । ଧାନ କ୍ରୟ କେନ୍ଦ୍ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗ୍ରାମ କୃଷି ସେବକ ସତ୍ୟବ୍ରତ ମେହେର, ପାକ୍ସ ସମ୍ପାଦକ ସତ୍ୟଜିତ କର, ଡାଟା ଏଣ୍ଟ୍ରି ଅପରେଟର ସୁରେନ୍ଦ୍ର ମେହେର, କର୍ମଚାରୀ ସୁରେଶ ପଡିପଡି, ପାକ୍ସ ପରିଚାଳନା କମିଟି ସଦସ୍ୟ ନିରୋଦ୍ ସେଠୀ, ଭଗବାନ୍ ମେହେର, ଚିତ୍ତରଞ୍ଜନ ଦନାୟକଙ୍କ ସମେତ ସଦସ୍ୟ ଓ ଚାଷୀ ଉପସ୍ଥିତ ଥିଲେ ।

## ୧୦ ଦିନ ପରେ ପାଣି ପାଇଲେ ୩ ଗ୍ରାମବାସୀ

ବୌଦ୍ଧ,୩।୬ (ସମିସ): କଣ୍ଟାମାଳ ବ୍ଲକ୍ ବନ୍ଧପାଲି, ଦେଉଳଡୁଙ୍ଗୁରି, କଣ୍ଟାମାଳ ଆଦି ୩ ଖଣ୍ଡ ଗ୍ରାମର ଲୋକ ୧୦ ଦିନ ପରେ ପାନୀୟ ଜଳ ପାଇଛନ୍ତି । ପାଣି ପାଇଁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଖବର ପ୍ରକାଶିତ ହେବା ପରେ ଜିଲ୍ଲାପାଳ ଜିଲ୍ଲା ଜଳ ଓ ପରିମଳ ବିଭାଗକୁ ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ଏହି ୩ ଗାଁକୁ ପାଇପ୍ ଯୋଗେ ଜଳ ଯୋଗାଣ ଆରମ୍ଭ ହୋଇଛି । ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ରହିଥିଲା । ଗାଁରେ ଥିବା ନଳକୂଅ ଲୋକଙ୍କ ଚାହିଦା ପୂରଣ କରି ପାରୁ ନ ଥିବା ବେଳେ ପାଣି ପାଇଁ ଲୋକେ ଲମ୍ବା ଧାଡ଼ିରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଥିଲା । ପାଣି ପାଇଁ ପ୍ରତିଯୋଗିତା ହୋଇ ଗଣ୍ଡଗୋଳ ଭଳି ସ୍ଥିତି ସୃଷ୍ଟି ହେଉଥିଲା । ଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ; ହେଲେ ସମସ୍ୟାର ସମାଧାନ ହୋଇପାରି ନ ଥିଲା । ୩ ଗାଁକୁ ପାଇପ୍ ପାଣି ଆସିବା ପରେ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି ।

## କାଣିସେମେଲ-ଡୁମାଲପଖାଳ ରାସ୍ତା ଶୋଚନୀୟ

ଶଗଡ଼ା,୩।୬(ସମିସ):କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ଡୁମାଲପଖାଳ ଠାରୁ କାଣିସେମେଲ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ିରହିଛି । ସାମାନ୍ୟ ବର୍ଷା ହେଲେ ଖାଲଖମାରେ ଭର୍ତ୍ତି ହୋଇଯାଉଛି । ଉକ୍ତ ରାସ୍ତାରେ ଯାତାୟାତ ସମୟରେ ଅନେକ ଲୋକ ପଡ଼ିଯିବା ସହ ଆହତ ମଧ୍ୟ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅନେକ ଗାଡ଼ି ଭାଙ୍ଗିଯିବା ସହ ଜିନିଷପତ୍ର ମଧ୍ୟ ନଷ୍ଟ ହେଉଛି । ରାସ୍ତା ଖରାପ ଯୋଗୁଁ ଲୋକଙ୍କ ଦେହ ଅସୁସ୍ଥ ହେଲେ ଆମ୍ବୁଲାନ ରାସ୍ତା ଦେଇ ଗାଁକୁ ଆସି ପାରୁନାହିଁ । ଫଳରେ ଖଟିଆରେ ରୋଗୀକୁ ବୋହିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି । ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି । ବର୍ଷା ଦିନରେ ରାସ୍ତାରେ ଯିବା ଆସିବା ଅଞ୍ଚଳବାସିଙ୍କ ପାଇଁ ଚିନ୍ତାର



କାରଣ ହୋଇଯାଏ । ବର୍ଷା ଦିନରେ ଚାରିଚକିଆ ଯାନ ତ ଦୂରର କଥା ଏପରିକି ଚାଲିକି ଯିବା କଷ୍ଟକର ହୋଇପଡୁଛି । ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି । ଗତ ୨ ବର୍ଷ ତଳେ ପଞ୍ଚାୟତ ପକ୍ଷରୁ ରାସ୍ତାରେ ମୋରୁମ ପକାଇ ମରାମତି କରା ଯାଇଥିଲେ ମଧ୍ୟ ବର୍ଷା ଯୋଗୁଁ ବର୍ତ୍ତମାନ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି । ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମକୁ ପିଚୁ ରାସ୍ତା ନିର୍ମାଣ ହୋଇ ପାରି ନାହିଁ । ବର୍ଷା ଦିନ ପୂର୍ବରୁ ରାସ୍ତାକୁ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସି ଦାବି କରିଛନ୍ତି ।ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଇଛି ।

**ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଜିଲ୍ଲାସ୍ତରୀୟ କମିଟି ବୈଠକ**

# ୩ଟି ପ୍ରକଳ୍ପକୁ ମିଳିଲା ସବୁଜ ସଙ୍କେତ

ଝାରସୁଗୁଡ଼ା,୩।୬(ସମିସ)



ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି "ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର କୃଷି ଓ କୃଷକଙ୍କ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ କୃଷିଭିତ୍ତିକ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ବନ ଅଧିକାରୀ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଆପିକଲ୍ ପ୍ରତିନିଧି, ଲିଡ୍ ବ୍ୟାଙ୍କ ମ୍ୟାନେଜର, ସବ୍-ଡିଭିଜନାଲ୍ ପ୍ରାଣୀ ଚିକିତ୍ସା ଅଧିକାରୀ, ବିଭିନ୍ନ ଯୋଜନା ଅଧିକାରୀ ଏବଂ ଆପିକଲ୍‌ର ଜିଲ୍ଲା ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାରେ କୃଷି ଉଦ୍ୟୋଗକୁ ଆଗକୁ ନେବା ପାଇଁ ମୋଟ ୩ଟି ନୂତନ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ପ୍ରକଳ୍ପଗୁଡ଼ିକର କ୍ଷେତ୍ର ପ୍ରସ୍ତୁତି ଓ ସଫଳତାକୁ ଅନୁଧ୍ୟାନ କରି ଜିଲ୍ଲାପାଳଙ୍କ ଦ୍ୱାରା ଏଗୁଡ଼ିକୁ ଆଗକୁ ବଢ଼ାଇବା ପାଇଁ ଅନୁମୋଦନ ପ୍ରଦାନ କରାଯାଇଛି। ଏହାସହିତ ବ୍ୟାଙ୍କ ସ୍ତରରେ ବିଭିନ୍ନ କାରଣରୁ ଅଟକି ରହିଥିବା ୧୮ଟି ଋଣ ମାମଲା ସମ୍ପର୍କରେ ମଧ୍ୟ ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ବ୍ୟାଙ୍କ ପେଣ୍ଡିଂ ମାମଲାଗୁଡ଼ିକର ତୁରନ୍ତ ସମାଧାନ କରି ଚାଷୀ ଓ ଉଦ୍ୟୋଗୀମାନଙ୍କୁ ଶୀଘ୍ର ଋଣ ପ୍ରଦାନ କରିବା ସହ ଏହାର ସଦ୍ୟତମ ସ୍ଥିତିକୁ ସରକାରଙ୍କ "ଗୋ-ସୁଗମ' ପୋର୍ଟାଲରେ ତୁରନ୍ତ ଅପଡେଟ୍ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବ୍ୟାଙ୍କ ଓ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ଓ ସର୍ବାଙ୍ଗୀନ ବିକାଶ ଉପରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କୃଷି, ଗୋ-ପାଳନ, ଉଦ୍ୟାନ କୃଷି ଓ ମତ୍ସ୍ୟ ଚାଷ ଭଳି ଭିନ୍ନ ଭିନ୍ନ କ୍ଷେତ୍ର ପାଇଁ ଧାର୍ଯ୍ୟ ହୋଇଥିବା ସରକାରୀ ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ହାସଲ କରିବାକୁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ୬ମାସ ହେଲା ବନ୍ଦ ପଡ଼ିଛି ପୁରୁଣାପାଣି-ଟେଣ୍ଡ୍ରା ରାସ୍ତା ଉନ୍ନତୀକରଣ କାର୍ଯ୍ୟ



**ଦେବଗଡ଼,୩।୬(ସମିସ):** ବାରକୋଟ ବ୍ଲକ୍ ଅଧୀନ ପୁରୁଣାପାଣି ଗ୍ରାମରୁ ଟେଣ୍ଡ୍ରା ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବାପରେ ଦୀର୍ଘ ୬ ମାସ ହେବ ବନ୍ଦ ରହିଥିବାରୁ ଅଞ୍ଚଳରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଝରାକଣ୍ଟଳ ପଞ୍ଚାୟତର ପୁରୁଣାପାଣି, ଝରାକଣ୍ଟଳ, ନଡ଼ିଆଯୋର ଓ ଗୁରୁଜାଙ୍ଗ ଆଦି ଗ୍ରାମର ପ୍ରାୟ ୪ ହଜାର ଗ୍ରାମବାସୀ ଦୀର୍ଘ ୬ ମାସ ହେବ ଧୂଳିବାଲି ପ୍ରଦୂଷଣର ଶିକାର ହେବା ସହ ନିତିଦିନ ଛୋଟବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଉପରୋକ୍ତ ଗ୍ରାମବାସୀ ଏକାଧିକବାର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରି କରିଥିଲେ ମଧ୍ୟ ଫଳଶୂନ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାଇ ପୂର୍ବରୁ ପୁରୁଣାପାଣି ଠାରୁ ଗୁରୁଜାଙ୍ଗ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। ଉକ୍ତ ରାସ୍ତା ନିର୍ମାଣ ପରେ ଝରାକଣ୍ଟଳ ପଞ୍ଚାୟତର ଏକାଧିକ ଗ୍ରାମ ମଧ୍ୟରେ ଯାତାୟାତ ସୁଗମ ହେବା ସହ ଜନସାଧାରଣ ଉପକୃତ ହେଉଥିଲେ। ତେବେ ଗତ ୨୦୨୪- ୨୫ ଆର୍ଥିକ ବର୍ଷରେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ପୁରୁଣାପାଣି ଠାରୁ ସୁନ୍ଦରଗଡ଼ ଜିଲ୍ଲା ବଣେଇ ସବ୍‌ଡିଭିଜନ୍ ଅଧୀନ ଟେଣ୍ଡ୍ରା ପର୍ଯ୍ୟନ୍ତ ୧୫ କିମି ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ଥିଲା। ବିଭାଗ ପକ୍ଷରୁ ପ୍ରାୟ ୧୪ କୋଟି ଟଙ୍କା ବ୍ୟୟଅଟକଳରେ ନୂତନ ରାସ୍ତା ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ମଧ୍ୟ କରାଯାଇ ଏକ ସଂସ୍ଥାକୁ ରାସ୍ତା ନିର୍ମାଣ ପାଇଁ ଅନୁମତି ପତ୍ର ପ୍ରଦାନ କରାଯାଇଥିଲା। ତେବେ ଟେଣ୍ଡର ପାଇବା ପରେ ରାସ୍ତା ନିର୍ମାଣକାରୀ ସଂସ୍ଥା ଉକ୍ତ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ କରି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପୂର୍ବରୁ ଥିବା ଉକ୍ତ ରାସ୍ତାକୁ ଖୋଳି ମେଟାଲିଙ୍ଗ କାର୍ଯ୍ୟ ଆରମ୍ଭ କରିବା ସହ ରାସ୍ତାର ଉଭୟ ପାଶ୍ୱର୍ରେ ବାଲି, ଚିପ୍ସ ଗଦା କରିଛନ୍ତି। ଜଙ୍ଗଲ ବିଭାଗ ପକ୍ଷରୁ ଗଛ କଟିବା ଆଶଙ୍କା ଥିବାରୁ ପ୍ରକଳ୍ପ ପୂର୍ବରୁ ଜଙ୍ଗଲବିଭାଗ ର ଅନୁମତି ନ ଥିବା ଦର୍ଶାଇ ଜଙ୍ଗଲ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟକୁ ବନ୍ଦ କରାଯାଇଛି। ଜଙ୍ଗଲ ବିଭାଗର ଏହି ନୀତି କାରଣରୁ ଉକ୍ତ ଅଞ୍ଚଳର ଶିଶୁ ଠାରୁ ବୃଦ୍ଧବୃଦ୍ଧା , ଅଙ୍ଗନବାଡି ଠାରୁ ସ୍କୁଲ ଓ ପଞ୍ଚାୟତ କାର୍ଯ୍ୟାଳୟ ଆଦିକୁ ଆସୁଥିବା ଜନସାଧାରଣ ପ୍ରତିଦିନ ରାସ୍ତାର ଧୂଳିବାଲିରେ ଗାଧୋଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପ୍ରକଳ୍ପର ଚୂଡାନ୍ତ ପୂର୍ବରୁ ପୂର୍ତ୍ତବିଭାଗ ଆବଶ୍ୟକ ଅନୁମୋଦନ ସଂଗ୍ରହ ନ କରି କିପରି ଟେଣ୍ଡର ଚୂଡାନ୍ତ କଲେ ସେନେଇ ମଧ୍ୟ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।



# ଚାଷୀଙ୍କୁ ହଳଦୀ, ଅଦା ବଣ୍ଟନ

**କୋଲାବିରା,୩।୬(ସମିସ):** ଝାରସୁଗୁଡା ଜିଲ୍ଲା କୋଲାବିରା ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୋଲାବିରା ବ୍ଲକର ଚାଷୀଙ୍କୁ ହଳଦୀ ଓ ଅଦା ବିହନ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋଲାବିରା ବ୍ଲକର ୯ଟି ପଞ୍ଚାୟତର ୯ ହେକ୍ଟର ଜମିରେ ହଳଦୀ ଓ ଅଦା ଚାଷ ଲାଗି ୯୦ ଜଣଚାଷୀଙ୍କୁ ୧୧୭ .୫ କୁଇଣ୍ଟାଲ ହଳଦି ଓ ଅଦା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଉଦ୍ୟାନ ଅଧିକାରୀ ସୋନାଲି ସାହୁ ଚାଷୀଙ୍କୁ ବିହନ ବଣ୍ଟନ କରିଥିଲେ। ରାଜ୍ୟ ମସଲା ଚାଷ ଉନ୍ନତୀକରଣ ଯୋଜନାରେ ଚାଷ କରିବା ପରେ ସରକାର ସହାୟତା ରାଶି ପ୍ରତି ୨୫ ଡିସମିଲ ଜମିରେ ଅଦା ପାଇଁ ୪୨୮୭ ଟଙ୍କା ଓ ହଳଦୀ ପାଇଁ ୭୯୦୦ ଟଙ୍କା ପ୍ରଦାନର ବ୍ୟବସ୍ଥା ବିଷୟରେ ଅବଗତ କରାଇ ଥିଲେ।



# ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



**ଝାରସୁଗୁଡ଼ା,୩।୬(ସମିସ):** ବିଶ୍ୱ ଜନନୀ ମହାସଂଘର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନସ୍ଥିତ ଜିଲ୍ଲା ଗ୍ରନ୍ଥାଗାର ପରିସରରେ ଆଜି "ସୁଭଦ୍ରା ଶକ୍ତି କାଫେ' ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାଫେର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ କାଫେ ସ୍ଥାପନ ନେଇ ସନ୍ତୋଷ ବ୍ୟକ୍ତ କରିବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହା ଏକ ଉଦାହରଣୀୟ ପ୍ରୟାସ ବୋଲି କହିଥିଲେ। ଏଥିସହିତ ମହିଳା ଶକ୍ତିକୁ ସଦୃଢ଼ କରିବା ଏବଂ ଜୀବିକାନିର୍ବାହର ନୂତନ ସୁଯୋଗ ସୃଷ୍ଟି କରୁଥିବା ଏଭଳି ମହିଳା-ପରିଚାଳିତ ଉଦ୍ୟୋଗଗୁଡ଼ିକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଜୟନ୍ତୀ ଗଡତିଆ, ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ଡ. ପୁଷ୍ପଶ୍ରୀ ନାୟକ, ଝାରସୁଗୁଡ଼ା ସହରାଞ୍ଚଳ ସିଡିପିଓ ସଲମା ଟୁଡୁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀହରେକୃଷ୍ଣ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ଏହି କାଫେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସାଜିବ।

# ଏପ୍‌ସିଲନ୍ କାର୍ବନ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ




**ଝାରସୁଗୁଡ଼ା,୩।୬(ସମିସ):** ଏପସିଲନ୍ କାର୍ବନ୍ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଶ୍ରୀପୁରା ପଞ୍ଚାୟତରେ ବିଭିନ୍ନ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳରେ ସ୍ୱଚ୍ଛ ପାନୀୟଜଳ ଯୋଗାଇଦେବା, ସ୍ୱାସ୍ଥ୍ୟସେବାକୁ ସହଜ କରିବା ଏବଂ ସ୍ଥାୟୀ ଜୀବିକା ବିକାଶକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ସେବାଗୁଡ଼ିକର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଶ୍ରୀପୁରା ଠାରେ ଏକ ଅତ୍ୟାଧୁନିକ ପାନୀୟଜଳ ପ୍ରକଳ୍ପ ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କ ମାଗଣା ଚିକିତ୍ସା ପାଇଁ ଏକ ଦନ୍ତ ଓ ସ୍ୱାସ୍ଥ୍ୟ ସେବା ମୋବାଇଲ୍ ଭ୍ୟାନ୍‌ର ଲୋକାର୍ପଣ କରାଯାଇଛି। ଏହାସହିତ ସ୍ଥାନୀୟଲୋକଙ୍କୁ ସ୍ୱାବଲମ୍ବୀ କରିବାଲକ୍ଷ୍ୟରେ ଖେରୁଆଲ ଗ୍ରାମରେ ଉଦ୍ୟୋଗୀ ଦୋକାନର ମଧ୍ୟ ଉଦ୍‌ଘାଟନ କରାଯାଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଶ୍ରୀପୁରା ଏବଂ ଖେରୁଆଲ ଗ୍ରାମବାସୀଙ୍କ ଜୀବନଧାରଣର ମାନ ଅଧିକ ଉନ୍ନତ କରିବା ପାଇଁ ଏହି ପ୍ରୟାସ ଜାରି ରହିବ। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ସାମାଜିକ ଓ ଜୀବିକା ବିଭାଗର ପ୍ରତିନିଧି ତଥା ଝାରସୁଗୁଡ଼ା ଡିଏମଏଫ୍‌ର ଟିମ୍ ଲିଡର୍ ଶ୍ରୀ ତୁଷାରକାନ୍ତ ମହାନ୍ତି ଯୋଗ ଦେଇଥିଲେ।

**ଜିଲ୍ଲାସ୍ତରୀୟ ବ୍ୟାଙ୍କ ସମୂହର ତ୍ରୈମାସିକ ସମୀକ୍ଷା ବୈଠକ**

# ସରକାରୀ ଯୋଜନାରେ ଋଣ ପ୍ରଦାନ ଓ ଲକ୍ଷ୍ୟ ହାସଲ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ଝାରସୁଗୁଡ଼ା,୩।୬(ସମିସ)




ଜିଲ୍ଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ବ୍ୟାଙ୍କ ସମୂହର ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ସ୍ଥାନୀୟ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଛି। ଲିଡ୍ ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ତ୍ରୈମାସିକ ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସଭାପତିତ୍ୱ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ବ୍ୟାଙ୍କଗୁଡ଼ିକର ଋଣପ୍ରଦାନ ସ୍ଥିତି ଏବଂ ବିଭିନ୍ନ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଛି। ବୈଠକ ପ୍ରାରମ୍ଭରେ ବ୍ୟାଙ୍କଗୁଡ଼ିକର ବିଗତ ୨୦୨୫-୨୬ ଆର୍ଥିକ ବର୍ଷର ଋଣ ପ୍ରଦାନ ସ୍ଥିତି ଓ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରାଯାଇଥିଲା। ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଶିରପାଣି ନାଏକଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ ଲାଇନ ଡିପାର୍ଟମେଣ୍ଟ (ସଂପୃକ୍ତ ସରକାରୀ ବିଭାଗ) ଗୁଡ଼ିକ ପକ୍ଷରୁ ବ୍ୟାଙ୍କଗୁଡ଼ିକୁ ଦିଆଯାଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଲକ୍ଷ୍ୟକୁ ସମୟସୀମା ମଧ୍ୟରେ ପୂରଣ କରିବା ପାଇଁ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଅଗ୍ରାଧିକାର ପ୍ରାପ୍ତ ଯୋଜନା ଯଥା- କୃଷି ଋଣ, ବାଣିଜ୍ୟିକ ଋଣ, କ୍ଷୁଦ୍ର ବ୍ୟବସାୟୀ ଋଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ, କିଷାନ କ୍ରେଡିଟ୍ କାର୍ଡ ଋଣ ଏବଂ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ଅଧୀନରେ ଋଣ ପ୍ରଦାନ ସମ୍ପର୍କରେ ତୃଣମୂଳସ୍ତରର ସମୀକ୍ଷା କରାଯାଇଥିଲା। ଜିଲ୍ଲାର ଆର୍ଥିକ ପ୍ରଗତିକୁ ଆହୁରି ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆଗାମୀ ନୂତନ ଆର୍ଥିକ ବର୍ଷ ୨୦୨୬-୨୭ ରେ ନିଜ ନିଜର ବ୍ୟାଙ୍କିଙ୍ଗ୍ ଲକ୍ଷ୍ୟ ପୂରଣ କରିବା ସହ ଜନସାଧାରଣଙ୍କୁ ସହଜରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଆର୍‌ବିଆଇର ଏଲ୍‌ଡିଓ ଅନେଟ ଶ୍ରଦ୍ଧା ଟପ୍ପୋ, ନାବାର୍ଡର ଡିଡିଏମ୍ ତାପସ ବେହେରା, ଟିଆର୍‌ଏଲ୍-ଏସ୍‌ବିଆଇ ଆର୍‌ସେଟିର ନିର୍ଦ୍ଦେଶିକା ନିବେଦିତା ବାରୱାଙ୍କ ସମେତ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଶାଖା ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଜିଲ୍ଲାସ୍ତରୀୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

**● ଭୂମିହୀନଙ୍କୁ ଜମି ଓ ଗରିବଙ୍କୁ ମିଳିବ ପକ୍କାଘର**

# ପୌରାଞ୍ଚଳ ବୁଡ଼ାପଡ଼ା ଗସ୍ତ କରି ସ୍ଥିତି ପରଖିଲେ ଜିଲ୍ଲାପାଳ

**ଝାରସୁଗୁଡ଼ା,୩।୬(ସମିସ):** ଜିଲ୍ଲାର କୌଣସି ବି ଯୋଗ୍ୟ ଗରିବ ପରିବାର ଯେପରି ମୁଣ୍ଡଗୁଞ୍ଜିବା ପାଇଁ ବାସଗୃହ ଓ ଜମିରୁ ବଞ୍ଚିତ ନ ହେବେ, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜନସାଧାରଣଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଆଜି ବୁଡାପଡା ପରିଦର୍ଶନ କରିଥିଲେ। ନିକଟରେ ଅନୁଷ୍ଠିତ ଅଭିଯୋଗ ପ୍ରକୋଷ୍ଠରେ ମିଳିଥିବା ଆବେଦନକୁ ଆଧାର କରି ଜିଲ୍ଲାପାଳ ନିଜେ ସିଧାସଳଖ ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ବୁଡାପଡାସ୍ଥିତ ଘଟଣାସ୍ଥଳ ଗସ୍ତକରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଭିଯୋଗକାରୀଙ୍କ ସମସ୍ୟାକୁ ଗମ୍ଭୀରତାର ସହ ନେଇ ସେ ବୁଡ଼ାପଡ଼ା ଅଞ୍ଚଳର ସ୍ଥାନୀୟଲୋକଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟାର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ବିଶେଷକରି ବୁଡ଼ାପଡ଼ା ଅଞ୍ଚଳର ଭୂମିହୀନ ପରିବାର ଏବଂ ଏଲ୍‌ଆର୍‌ସି ଧାରୀଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେଇଥିଲେ। ଏହାସହିତ ଯେଉଁମାନଙ୍କ ପାଖରେ ଜମି ଅଧିକାର ପ୍ରମାଣପତ୍ର ରହିଛି, ସେମାନଙ୍କ ଜମି ଚିହ୍ନଟ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ, ବୁଡ଼ାପଡ଼ା ଅଞ୍ଚଳର ବହୁ ଗରିବ ପରିବାର ପକ୍କାଘର ପାଇବାରୁ ବଞ୍ଚିତ ଥିବା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ସମାଧାନ ସ୍ୱରୂପ, ସମସ୍ତ ଯୋଗ୍ୟ ଗରିବ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳରେ ସାମିଲ କରିବା ପାଇଁ ଜିଲ୍ଲାପାଳ ସମୀକ୍ଷା କରିଥିଲେ। କୌଣସି ବି ପ୍ରକୃତ ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନ ପଡ଼ନ୍ତି, ସେଥିପାଇଁ ସ୍ୱଚ୍ଛତା ସହ ସର୍ଭେ କାର୍ଯ୍ୟ ଶେଷ କରିବାକୁ ସେ କହିଛନ୍ତି।






# ଅବ୍ୟବସ୍ଥା ଘେରରେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

**କୋଲାବିରା,୩।୬(ସମିସ):** କୋଲାବିରା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପରୀକ୍ଷାଗାର ପରିଚାଳନାରେ ବ୍ୟାପକ ବିଭ୍ରାଟ ହେଉଥିବା ଅଭିଯୋଗ ହେଉଛି। ପ୍ରତ୍ୟହ ଶତାଧିକ ରୋଗୀ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସାପାଇଁ ଆସିଥାନ୍ତି । ସେଥିମଧ୍ୟରୁ ୮୦ପ୍ରତିଶତ ରୋଗୀଙ୍କ ସଠିକ୍ ରୋଗ ନିର୍ଧାରଣପାଇଁ ବିଭିନ୍ନ ପରୀକ୍ଷାର ଅବଶ୍ୟକତା ପଡିଥାଏ। ମାତ୍ର ପରୀକ୍ଷାଗାର ଦୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁଁ ହେଉ ବା ଅନୁପସ୍ଥିତି ଯୋଗୁ ହେଉ ରୋଗୀ ଦୀର୍ଘ ସମୟଧରି ଲାଇନରେ ଛିଡା ହୋଇ କଷ୍ଟ ଭୋଗୁଥିବାର ଦେଖାଯାଉଛି। ଏଠାରେ ପରୀକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଦୁଇଜଣ ଏବଂ କ୍ରିଷ୍ଣା ଡାଇଗ୍ନୋଷ୍ଟିକ ପକ୍ଷରୁ ଜଣେ ମୋଟ ତିନିଜଣ କର୍ମଚାରୀ ନିୟୋଜିତ ହେବାର ବ୍ୟବସ୍ଥା ରହିଛି । ହେଲେ କବେ ଜଣେ କେବେ ଦୁଇଜଣଙ୍କୁ ନେଇ କାମ ଚାଲିଛି। ଯଦ୍ୱାରା ନମୁନା ସଂଗ୍ରହ, ତଥ୍ୟ ଲିବିବଦ୍ଧ ତଥା ରିପୋର୍ଟ ପ୍ରଦାନରେ ଚରମ ଅବହେଳା ନେଇ ରୋଗୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଘଣ୍ଟାଘଣ୍ଟାଧରି ରୋଗୀ ମାନେ ବାରଣ୍ଡାରେ ଧାଡ଼ିକରି ଛିଡ଼ା ହେଉଛନ୍ତି। ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଟେକନିସିଆନ ଛବିରାଣୀ ବେହାରାଙ୍କ କହିବାନୁସାରେ ଅଧିକ ସଂଖ୍ୟକ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି ବୋଲି କହିଥିଲେ। ଏପରିକି ରୋଗୀଙ୍କ ପ୍ରତି ତାଙ୍କ ବ୍ୟବହାର ରୁକ୍ଷ୍ୟ ବୋଲି ପରିଜନ ଅଭିଯୋଗ କରିଛନ୍ତି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଜଣେ ଦାୟିତ୍ୱବାନ ବରିଷ୍ଠ ଟେକନିସିଆନ ନିଯୁକ୍ତ, ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜିତ କରିବା, ରୋଗୀଙ୍କ ପାଇଁ ଉପଯୁକ୍ତ ରହଣି ସ୍ଥାନ ସହ ଅନ୍ୟାନ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଫିସର ଇନଚାର୍ଜ ଡା.ଘନଶ୍ୟାମ ସୋରେଙ୍କ ସହିତ ଯୋଗାଯୋଗ କରାଯାଇ ଥଲେ ମଧ୍ୟ ସେ ଫୋନ ଉଠେଇ ନ ଥିଲେ।





